# Official Spokesperson's response to media queries on references to India in the statements and resolutions adopted in the meeting of the Organisation of Islamic Cooperation in Pakistan

March 24, 2022

## ପାକିସ୍ତାନରେ ଇସଲାମିକ ସହଯୋଗ ସଂଗଠନର ବୈଠକରେ ଭାରତ ସନ୍ଦର୍ଭରେ ଗୃହୀତ ବିବୃତ୍ତି ଏବଂ ସଂକଳ୍ପକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ମାର୍ଚ୍ଚ 24, 2022

ପାକିସ୍ତାନରେ ଇସଲାମିକ ସହଯୋଗ ସଂଗଠନର ବୈଠକରେ ଭାରତ ସନ୍ଦର୍ଭରେ ଗୃହୀତ ବିବୃତ୍ତି ଏବଂ ସଂକଳ୍ପ ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:

"ଏହି ବୈଠକରେ ଗୃହୀତ ବିବୃତ୍ତି ଏବଂ ସଂକଳ୍ପଗୁଡିକ ଇସଲାମିକ ସହଯୋଗ ସଂଗଠନର ଅପ୍ରାସଙ୍ଗିକତା ଏବଂ ଏହାର ପରିଚାଳକ ଭାବରେ ପାକିସ୍ତାନର ଭୂମିକାକୁ ଦର୍ଶାଉଛି।

ଭାରତ ସନ୍ଦର୍ଭରେ ମିଥ୍ୟା ଓ ଭୁଲ ତଥ୍ୟ ଉପସ୍ଥାପନା କରାଯାଇଛି। ଏଥିରୁ ସ୍ୱଷ୍ଟ ଜଣାପଡୁଛି ଯେ ସଂଖ୍ୟାଲଘୁ ସମୁଦାୟଙ୍କ ପ୍ରତି ବ୍ୟବହାରକୁ ନେଇ ଏହି ସଂଗଠନ ଦ୍ୱାରା ଦିଆଯାଇଥିବା ଅର୍ଥହୀନ ମନ୍ତବ୍ୟ ପାକିସ୍ତାନ ପରି ମାନବାଧିକାର ଉଲ୍ଲଂଘନକାରୀ ଦେଶ ଦ୍ୱାରା ପ୍ରେରିତ।

ଯେଉଁ ରାଷ୍ଟ୍ର ଏବଂ ସରକାର ଏହିପରି କାର୍ଯ୍ୟ ସହିତ ନିଜକୁ ଜଡିତ ରଖନ୍ତି ସେମାନଙ୍କର ଗରିମା ଉପରେ ଏହାର ପ୍ରଭାବକୁ ବୁଝିବା ଉଚିତ୍।"

ନୂଆଦିଲ୍ଲୀ

ମାର୍ଚ୍ଚ 24, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.